# ନରେନ୍ ଚନ୍ଦ୍ର ଦାଶ

ଜନ୍ମ: (୧୯୪୧-.....) ମସିହା

**ପୁସ୍ତକ:ସରୋଗେଟ୍ ମଦର,** ଅନୁବାଦ ପୁସ୍ତକ, ଅନୁବାଦିକା: ପ୍ରଭାତି ମିଶ୍ର, ପୃଷ୍ଠା:୧୨୬, ପ୍ରକାଶକାଳ-୨୦୦୯, ମୂଲ୍ୟ:ଟ.୧୦୦/

ଇଂ. ନରେନ୍ ଚନ୍ଦ୍ର ଦାଶଙ୍କ ଓଡ଼ିଆ କ୍ଷୁଦ୍ରଗଳ୍ପ ସଂକଳନର ଇଂରାଜୀ ଅନୁବାଦ ସରୋଗେଟ୍ ମଦର୍ ଅଣ୍ଡ୍ ଷ୍ଟୋରିଜ୍ । ଓଡ଼ିଆ ଭାଷାରେ ପ୍ରକାଶ ପାଉଥିବା ସାହିତ୍ୟ ଅନ୍ୟ ଭାଷାର ଅନୁଦିତ ହୋଇପାରିଲେ ଏହା ସାର୍ବଜନୀନ ହୋଇପାରିବ । ଏଥିରେ ୧୬ଟି ଗଳ୍ପ ଯାହା ଓଡ଼ିଆ ମୂଳ ଗଳ୍ପର ଭାବ ଓ ଧାରାଠାରୁ ବିଚ୍ୟୁତ ହୋଇନାହିଁ । ଗଳ୍ପର ଜୀବନ ତା'ର କାହାଣୀରେ ଥାଏ । ସଂକଳନର ଶୀର୍ଷକ 'ସରୋଗେଟ୍ ମଦର' ରେ ଏମିତି ଏକ ସୁଖପାଠ୍ୟ କାହାଣୀର ଗତି ରହିଛି । ଆଶା ପୁସ୍ତକଟି ଓଡ଼ିଶା ବାହାର ସାହିତ୍ୟପ୍ରେମୀଙ୍କୁ ଆକୃଷ୍ଟ କରିବ ।